ଟିଜି-ଫେମ୍ ଶୃଙ୍ଖଳା

(ଲକ୍ଷ୍ୟ ସମୂହ - ଆର୍ଥିକ ସଚେତନତା ସନ୍ଦେଶ)






# ଉଦ୍ୟୋଗୀମାନଙ୍କ ପାଇଁ ଆର୍ଥିକ ସାକ୍ଷରତା

ଆର୍ଥିକ ଅନ୍ତର୍ଭୁକ୍ତି କରଣ ଓ ବିକାଶ ବିଭାଗ, ଭାରତୀୟ ରିଜର୍ଭ ବ୍ୟାଙ୍କ୍

| ସନ୍ଦେଶ-୧ |
| --- |
| ବିନା ବନ୍ଧକରେ ଋଣ ! ହଁ, ଏହା ସମ୍ଭବ ଅଟେ । |

| ସନ୍ଦେଶ-୨ |
| --- |
| ଋଣ ଆବେଦନ ପ୍ରକ୍ରିୟା |

| ସନ୍ଦେଶ-୩ |
| --- |
| ବିସିଏସ୍‌ବିଆଇ ଦ୍ୱାରା ଋଣ ଆବେଦନ ପତ୍ରର ଫଏସଲା କରିବା ପାଇଁ ନିର୍ଦ୍ଧାରିତ ସମୟ ସୀମା |

| ସନ୍ଦେଶ-୪ |
| --- |
| ଉଦ୍ୟୋଗୀମାନଙ୍କ ପାଇଁ ଅନିବାର୍ଯ୍ୟ ରୂପେ ଜ୍ଞାତବ୍ୟ ବିତ୍ତୀୟ ଶବ୍ଦ । |


| ସନ୍ଦେଶ-୫ |
| --- |
| ସକ୍ରିୟ ରୁହନ୍ତୁ ଓ ଅସୁବିଧା ସମୟରେ ବ୍ୟାଙ୍କ୍ ସହ ଯୋଗାଯୋଗ କରନ୍ତୁ । |

## ସନ୍ଦେଶ-୧ : ବିନା ବନ୍ଧକରେ ଋଣ ! ହଁ, ଏହା ସମ୍ଭବ ଅଟେ ।












## ଋଣ ପ୍ରତ୍ୟାଭୂତି ଟ୍ରଷ୍ଟ

MSME କ୍ଷେତ୍ରକୁ ପରିସମ୍ପତ୍ତି ଓ ତୃତୀୟ ପକ୍ଷ ଗ୍ୟାରେଣ୍ଟି ବିନା ଋଣ ପ୍ରଦାନ କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ (MSME) ମନ୍ତ୍ରଣାଳୟ ଓ SIDBIର ଯୌଥ ଉଦ୍ୟମ।

CGTMSE ୨୦୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ କଭର୍ ସୁବିଧା ପ୍ରଦାନ କରିଥାଏ।

cgtmse
www.cgtmse.in

CGTMSE ଦ୍ୱାରା ଧାର୍ଯ୍ୟକରାଯାଉଥିବା ବାର୍ଷିକ ଶୁଳ୍କ ଋଣ ଗ୍ରହୀତା କିମ୍ବା CGTMSEର ସଦସ୍ୟ ଥିବା ଋଣ ପ୍ରଦାନକାରୀ ସଂସ୍ଥା ପ୍ରଦାନ କରିଥାଆନ୍ତି।

MSE କ୍ଷେତ୍ରରେ ଋଣ ଗ୍ରହୀତାମାନଙ୍କୁ ପ୍ରଦାନ କରାଯାଉଥିବା ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ ସମସ୍ତ ବ୍ୟାଙ୍କକୁ ପରିସମ୍ପତ୍ତି ବା ଜମାନତ ନ ନେବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଅନୁଦେଶ ଦେଇଛନ୍ତି।

## ଜେନେରାଲ୍ କ୍ରେଡିଟ୍ କାର୍ଡ (ଜିସିସି)




ଅଣକୃଷି ଉଦ୍ୟୋଗୀମାନେ GCC ମାଧ୍ୟମରେ କାମଚଳା ପୁଞ୍ଜି ଏବଂ ଦୀର୍ଘମିଆଦୀ ଋଣ ଉଭୟ ବ୍ୟାଙ୍କ୍‌ଠାରୁ ପାଇପାରିବେ।

GCC ଏକ ସ୍ମାର୍ଟ କାର୍ଡ କିମ୍ବା ଡେବିଟ୍ କାର୍ଡ (ଏଟିଏମ୍ କିମ୍ବା ହ୍ୟାଣ୍ଡ ହେଲ୍‌ଡ ସ୍ୱାଇପ୍ ମେସିନ୍ ଯାହାକି ବାୟୋମେଟ୍ରିକ୍ ସ୍ମାର୍ଟକାର୍ଡ ସହ ଉଦ୍ୟମୀଙ୍କ ପରିଚୟ, ସମ୍ପତ୍ତି ଓ କ୍ରେଡିଟ୍ ପ୍ରୋଫାଇଲ୍ ସମ୍ପର୍କରେ ସୂଚନା ରଖିବାକୁ ସକ୍ଷମ) ରୂପରେ ଜାରି କରାଯାଇଥାଏ। ଯେଉଁ କ୍ଷେତ୍ରରେ ବ୍ୟାଙ୍କ ଖାତା ଡିଜିଟାଲ୍ ହୋଇପାରି ନାହିଁ, ସେହି ସ୍ଥଳରେ ଜିସିସିକୁ ଜମାଖାତା, କିମ୍ବା କ୍ରେଡିଟ୍ କାର୍ଡ ସହ ଜମାଖାତା ରୂପେ ଜାରି କରାଯାଇପାରିବ, ଯହିଁରେ ଖାତା ଧାରକଙ୍କ ଫଟୋ, ନାମ, ଠିକଣା, ଉଧାର ସୀମା ବିବରଣୀ ଅବଧି ଇତ୍ୟାଦି ରହିବ। ଏହା ମଧ୍ୟ କିଛି ସମୟ ପାଇଁ ପରିଚୟପତ୍ର ରୂପେ କାର୍ଯ୍ୟ କରିବା ସହ ନିୟମିତ ଭାବେ ଚାଲୁଥିବା ଦେଣନେଣର ରେକର୍ଡ ରଖିବାର ସୁବିଧା ପ୍ରଦାନ କରିଥାଏ।

ନିର୍ଦ୍ଧାରିତ ମୂଲ୍ୟାଙ୍କନ ଆଧାରରେ ବ୍ୟାଙ୍କ ଦ୍ୱାରା କାର୍ଡର ସୀମା ନିର୍ଦ୍ଧାରଣ କରାଯାଏ। ଜିସିସି ମାଧ୍ୟମରେ ପ୍ରାପ୍ତ ଋଣ ପାଇଁ ସୁଧର ହାର ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ହୁଏ। ଜଣେ ଉଦ୍ୟୋଗୀ ହିସାବରେ ଆପଣଙ୍କୁ ଜାଣିବାକୁ ପଡ଼ିବ ଯେ ବ୍ୟାଙ୍କ ଆପଣଙ୍କଠୁ କେତେ ସୁଧ ନେଉଛନ୍ତି।

## ସନ୍ଦେଶ ୨ : ଋଣ ଆବେଦନ ପ୍ରକ୍ରିୟା

**ପ୍ରଥମ ଚରଣ:** ନିଜ ବ୍ୟବସାୟିକ ଯୋଜନା ଓ ଆନୁମାନିକ ଧନର ଆବଶ୍ୟକତାର ବିବରଣୀ ପ୍ରସ୍ତୁତ କରନ୍ତୁ

ଆପଣ Udyami Mitra ପୋର୍ଟାଲ୍‌କୁ ଯାଇପାରନ୍ତି କିମ୍ବା ସିଧାସଳଖ ବ୍ୟାଙ୍କକୁ ଯାଇପାରନ୍ତି ।

UdyamiMitra — SIDBI

ବ୍ୟାଙ୍କ୍

ଋଣ ପାଇଁ
ଅନ୍‌ଲାଇନ୍ ଆବେଦନ କରନ୍ତୁ
https://udyamimitra.inରେ

**ଦ୍ୱିତୀୟ ଚରଣ:** ଆବେଦନପତ୍ର ପ୍ରଦାନ କରି ଋଣ ଆବେଦନ କ୍ରମାଙ୍କ ଓ ପାଉତି ସଂଗ୍ରହ କରନ୍ତୁ ।

**ତୃତୀୟ ଚରଣ:** ଆବେଦନ କରିବା ସହ ବ୍ୟାଙ୍କ୍ କିମ୍ବା ପୋର୍ଟାଲ୍‌ରେ ଦିଆଯାଇଥିବା ସମସ୍ତ ପ୍ରଶ୍ନର ଉତ୍ତର ଦିଅନ୍ତୁ ଏବଂ ଏହାର ନିଷ୍ପତ୍ତି ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ।

**ଚତୁର୍ଥ ଚରଣ:** ଆପଣଙ୍କ ଋଣ ସ୍ୱୀକୃତ କି ଅସ୍ୱୀକୃତ ହୋଇଛି ଜାଣିବା ପାଇଁ ଆବେଦନ କ୍ରମାଙ୍କକୁ ଟ୍ରାକ୍ କରନ୍ତୁ ।

## ସନ୍ଦେଶ ୩: ଋଣ ଦରଖାସ୍ତର ନିଷ୍ପାଦନ ସକାଶେ BCSBI ଦ୍ୱାରା ବିହିତ ସମୟ ସୀମା ।

ସମ୍ପୂର୍ଣ୍ଣ ତଥ୍ୟ ତଥା ଦସ୍ତାବିଜ୍ ସହ କରାଯାଇଥିବା ଋଣ ଆବେଦନର ନିଷ୍ପାଦନ ସକାଶେ BCSBI ବ୍ୟାଙ୍କ୍‌ମାନଙ୍କ ପାଇଁ ସମୟସୀମା ନିର୍ଦ୍ଧାରଣ କରିଛନ୍ତି । ଯେଉଁସବୁ ବ୍ୟାଙ୍କ୍‌ମାନେ BCSBIର ସଦସ୍ୟ ସେମାନେ ନିମ୍ନ ପ୍ରଦତ୍ତ ସର୍ତ୍ତ ସମୂହ ଅନୁପାଳନ କରିବେ ।


→ MSE କ୍ଷେତ୍ରରେ ୫ ଲକ୍ଷ ପର୍ଯ୍ୟନ୍ତ ନୂତନ ଋଣ କିମ୍ବା ପୁରୁଣା ଋଣର ପରିମାଣ ବୃଦ୍ଧି ସକାଶେ ଦିଆଯାଇଥିବା ଆବେଦନ- ୨ ସପ୍ତାହ

→ ୫ ଲକ୍ଷରୁ ଅଧିକ ଓ ୨୫ ଲକ୍ଷ ପର୍ଯ୍ୟନ୍ତ ଋଣ ପାଇଁ ୩ ସପ୍ତାହ

ସମୟ ସମୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି କରାଯାଉଥିବା ଅନୁଦେଶ-ନିର୍ଦ୍ଦେଶ ସବୁକୁ ବ୍ୟାଙ୍କ୍ ସମୂହ ପାଳନ କରିବେ । ଆର୍‌ବିଆଇ ଦ୍ୱାରା ଜାରି ହେଉଥିବା ବିନିୟାମକ କିମ୍ବା ନିର୍ଦ୍ଦେଶଗୁଡ଼ିକୁ BCSBIର କୋଡ୍ ନିରସ୍ତ କରିପାରିବ ନାହିଁ ।

## ସନ୍ଦେଶ ୪ : ଉଦ୍ୟୋଗୀମାନଙ୍କ ପାଇଁ ଅନିବାର୍ଯ୍ୟ ରୂପେ ଜ୍ଞାତବ୍ୟ ବିତ୍ତୀୟ ଶବ୍ଦାବଳୀ

### ପରିଦୃଶ୍ୟ-୧ ନିଜ ପୁଞ୍ଜି ମାଧ୍ୟମରେ ବିତ୍ତପୋଷଣ




ଜଣେ ପରିବା ବିକାଳି ନିଜ ପୁଞ୍ଜିରୁ ପ୍ରତିଦିନ ୨୦୦୦ ଟଙ୍କା ଲଗାଇ ଚାଷୀ ଠାରୁ ପରିବା କିଣେ ଏବଂ ୨୫୦୦ ଟଙ୍କାରେ ବିକ୍ରୟ କରେ। ସେ ଭଡ଼ା ବାବଦକୁ ୧୦୦ ଟଙ୍କା ଏବଂ ନିଜ ସହାୟକର ଦୈନିକ ମଜୁରୀ ବାବଦରେ ୫୦ ଟଙ୍କା ଦିଏ। ୧୦୦ ଟଙ୍କା ଭଡ଼ା ଓ ୫୦ ଟଙ୍କା ମଜୁରୀକୁ ପରିଚାଳନା ଖର୍ଚ୍ଚ କୁହାଯାଏ। ପରିବା ପାଇଁ ଲଗାଣ କରିଥିବା ୨୦୦୦ ଟଙ୍କାକୁ କ୍ରୟ ମୂଲ୍ୟ କୁହାଯିବ। ଏଥିରେ ଲାଭକୁ ଏ ପ୍ରକାର ହିସାବ କରାଯିବ।

ଲାଭ = ବିକ୍ରୟ ମୂଲ୍ୟ-କ୍ରୟ ମୂଲ୍ୟ-ପରିଚାଳନା ଖର୍ଚ୍ଚ।


୨୫୦୦-୨୦୦୦-୧୫୦ = ୩୫୦ (ଲାଭ)

### ପରିଦୃଶ୍ୟ ୨ : ଷ୍ଟକ୍‌କୁ ଦୃଷ୍ଟିବନ୍ଧକ ରଖି ନଗଦି ଋଣ




ମନେକର ଜଣେ ପରିବା ବିକାଳି ପାଖରେ ସବୁ ପରିବା କିଣିବା ପାଇଁ ନିଜ ପାଖରେ ପଇସା ନାହିଁ। ସେ ନିଜର ବ୍ୟବସାୟକୁ ବଢ଼ାଇବା ପାଇଁ ଚାହେଁ। ଏ କ୍ଷେତ୍ରରେ ସିଏ ଖରିଦ୍ କରାଯାଉଥିବା ପରିବାକୁ ଜମାନତ ରୂପେ ଦେଇ ବ୍ୟାଙ୍କରୁ ଋଣ ନେଇପାରିବ। ଏ ପ୍ରକାର ଅର୍ଥଯୋଗାଡ଼କୁ ନଗଦ ଋଣ (କ୍ୟାସ୍ କ୍ରେଡିଟ୍) କୁହାଯାଏ ଯାହା ବ୍ୟାଙ୍କ୍ ସ୍ୱୟଂ ପରିସମାପନଶୀଳ ଜମାନତ ବଦଳରେ ଋଣ ଦେଇଥାଏ।

ବ୍ୟାଙ୍କ୍ ଋଣର ପୂରା ଟଙ୍କା ଏକକାଳୀନ ଉଠାଣର ଆବଶ୍ୟକତା ନାହିଁ। ଯେଉଁ ସମୟରେ ଯେଉଁ ପରିମାଣର ଟଙ୍କା ଦରକାର ସେତିକି ଉଠାଇ ପାରିବେ। ଏ ପ୍ରକାର ସୁବିଧା ପାଇଁ ପୂରା ଋଣ ରାଶି ଉପରେ ସୁଧ ହିସାବ ନ କରାଯାଇ ବାକିଥିବା ଟଙ୍କା ଉପରେ ସୁଧ ହିସାବ କରାଯାଇଥାଏ।




### ପରିଦୃଶ୍ୟ ୩: ପ୍ରାପ୍ତ ରାଶିରୁ ବିତ୍ତିପୋଷଣ/ଅର୍ଥଯୋଗାଣ




ବ୍ୟବସାୟରେ ଅନେକ ସମୟରେ ଉଧାର ଦେବାକୁ ପଡ଼େ, ଯାହାର ଅର୍ଥ ଏହା ଯେ ଚୁକ୍ତି ଅନୁସାରେ ଭବିଷ୍ୟତରେ କୌଣସି ଏକ ନିର୍ଦ୍ଦିଷ୍ଟ ତାରିଖରେ ଗ୍ରାହକ ଠାରୁ ଅର୍ଥ ପ୍ରାପ୍ତ ହେବ। ଯେଉଁ ସ୍ଥଳରେ ଏପରି ହୁଏ, ଆଗାମୀ ଦିନମାନଙ୍କରେ ସମାନ କ୍ରୟ କରିବାକୁ ପର୍ଯ୍ୟାପ୍ତ ଧନ ଉପଲବ୍ଧ ହୁଏନାହିଁ। ଏପରିକି ଭଡ଼ା ଓ ମଜୁରୀ ମଧ୍ୟ ପ୍ରଦାନ କରିବାକୁ ଅର୍ଥର ଅଭାବ ହୁଏ। ଚୁକ୍ତି ଅନୁସାରେ ପରବର୍ତ୍ତୀ ତାରିଖରେ ଯେଉଁ ଅର୍ଥ ପ୍ରାପ୍ତ କରାଯାଏ, ଏହାକୁ ପ୍ରାପ୍ୟ ରାଶି କୁହାଯାଏ। ଯେଉଁ ଗ୍ରାହକ ପରବର୍ତ୍ତୀ ତାରିଖରେ ଅର୍ଥ ପୈଠ କରେ ତାକୁ ଋଣୀ କୁହାଯାଏ।

ଏପରିସ୍ଥଳେ ଯଦି ବିକ୍ରୟ ଅର୍ଥରାଶି ପ୍ରାପ୍ତ କରିବାକୁ ବିଳମ୍ବ ହୋଇଥାଏ, ତା'ହେଲେ ଧନର ଅଭାବ ଯୋଗୁଁ ବ୍ୟବସାୟକୁ ବନ୍ଦ କରିବା ଆବଶ୍ୟକ ନାହିଁ। ପରିବା ବିକାଳି ବ୍ୟାଙ୍କକୁ ଯାଇପାରିବେ ଏବଂ ପ୍ରାପ୍ୟ ରାଶି ବଦଳରେ ଅର୍ଥ ଉଧାର ଦେବା ପାଇଁ ଅନୁରୋଧ କରିପାରିବେ। ମାର୍ଜିନ୍ କାଟିବା ପରେ ବ୍ୟାଙ୍କ ଅର୍ଥ ପ୍ରଦାନ କରେ। ସୁଧ କେବଳ ବକେୟା ଋଣ ରାଶି ଉପରେ ଲାଗୁ କରାଯାଇଥାଏ।

### ପରିଦୃଶ୍ୟ ୪ : ଅଚଳ ସମ୍ପତ୍ତି କ୍ରୟ ଏବଂ ତା' ପାଇଁ ହିସାବ




ଯେତେବେଳେ ଲାଭର ପରିମାଣ ବୃଦ୍ଧି ହୁଏ, ପରିବା ବିକାଳି ନିଜ ଦୋକାନ ପାଇଁ ଗୋଟିଏ ଟେବୁଲ୍ ଓ ଗୋଟିଏ ଚୌକି କିଣିବା ପାଇଁ ସ୍ଥିର କଲା ସେ ୨୦୦ ଟଙ୍କାର କାଠ ସାମଗ୍ରୀ କିଣିଲେ।

କିନ୍ତୁ ସେ ଦ୍ୱନ୍ଦ୍ୱରେ ପଡ଼ିଲେ ଯେ, ଖର୍ଚ୍ଚ କରିଥିବା ରାଶି ୨୦୦ ଟଙ୍କା ସେ ଏହିବର୍ଷ ଲାଭରୁ କାଟିବ କି ? ଯଦିଓ ସେହି କାଷ୍ଠ ସାମଗ୍ରୀକୁ ପରବର୍ତ୍ତୀ ୧୦ ବର୍ଷ ପର୍ଯ୍ୟନ୍ତ ବ୍ୟବହାର କରିବ ଯଦି ସେ ପରବର୍ତ୍ତୀ ୧୦ ବର୍ଷ ସେପରି କରିବ, ତାହାର ଆସୁଥିବାଲାଭରୁ ୨୦୦ ଟଙ୍କା କମିଯିବ। ସେ ଭାବିଲା ଯେହେତୁ କାଷ୍ଠ ସାମଗ୍ରୀର ଜୀବନ ୧୦ ବର୍ଷ ଅଟେ ଏଣୁ ଲଗାଣ ଧନର କେବଳ ୧/୧୦ ଅଂଶ ଫର୍ଣ୍ଣିଚର ପାଇଁ ଆବଣ୍ଟିତ। ଯଦି ସେ ଏପରି କରେ ତାକୁ ବର୍ଷରେ ଖର୍ଚ୍ଚ ଉପରେ ଆବର୍ତ୍ତନ କରୁଥିବା ଏହି ଅଂଶକୁ ମୂଲ୍ୟ ହ୍ରାସ କୁହାଯାଏ।

ବ୍ୟବସାୟ ଚଳାଇବା ପାଇଁ କୌଣସି ବି ବସ୍ତୁ, ଯାହାର ଉପଯୋଗ ଏକ ବର୍ଷରୁ ଅଧିକ ସମୟ ପାଇଁ କରାଯାଏ ତାକୁ ଅଚଳ ଆସ୍ତି (Fixed Asset) କୁହାଯାଏ। ଅନେକ ଅଚଳ ଆସ୍ତିର ଉଦାହରଣ- ଜମି, କୋଠାଘର, ମେସିନ୍, ଉପକରଣ ଇତ୍ୟାଦି।

ନିର୍ଦ୍ଧାରିତ ଆସ୍ତିର ଆୟୁକାଳ ଅନୁସାରେ, ଏହାର ମୂଲ୍ୟ ପ୍ରତିବର୍ଷ ହ୍ରାସ ହେବା ଉଚିତ୍। ଏହି ହ୍ରାସ ହେଉଥିବା ମୂଲ୍ୟକୁ ଖର୍ଚ୍ଚରେ ହିସାବ କରାହୁଏ ଓ ତାହାକୁ ଆବର୍ତ୍ତନ କହନ୍ତି।

## ପରିଦୃଶ୍ୟ ୫: ଦୀର୍ଘମିଆଦୀ ଋଣ



ବ୍ୟବସାୟ ବଢ଼ିବାକୁ ଲାଗିବାରୁ ପରିବା ବାଲା ଅନୁଭବ କରେ ଯେ, ପରିବା ସବୁ ପଚନଶୀଳ ଏବଂ ଯେଉଁ ପରିବା ସବୁକୁ ଗ୍ରାହକମାନେ କିଣନ୍ତି ନାହିଁ, ସେହି ପଚନଶୀଳ ପରିବାସବୁକୁ ଫିଙ୍ଗିବାକୁ ପଡ଼େ। ଏହା ଲାଭାଂଶକୁ ହ୍ରାସ କରିଥାଏ। ସେ ଅନୁଭବ କଲା ଯେ, ଯଦି ସେ କୋଲ୍ଡ ଷ୍ଟୋରେଜ୍ ବ୍ୟବସ୍ଥା କରି ପାରନ୍ତି ଅନେକ ଦିନ ପର୍ଯ୍ୟନ୍ତ ତଟକା ରହିପାରନ୍ତା ଏବଂ ଅପବ୍ୟୟ କମ୍ ହୋଇପାରନ୍ତା। ସେ ଗୋଟିଏ ଫ୍ରିଜର୍ ସମ୍ପର୍କରେ ପଚରାଉଚରା କରି ଜାଣିପାରିଲା ଯେ, ଗୋଟିଏ ଭଲ ଫ୍ରିଜର୍ ୨୦ ହଜାର ଟଙ୍କା ପଡ଼ିବ। ସେ ଜାଣିବାକୁ ପାଇଲା ଯେ, ସେ htpp://udayamimitra.in ମାଧ୍ୟମରେ ଋଣ ପାଇପାରିବ। ଏହାପରେ ସେ ଋଣ ପାଇଁ ଆବେଦନ କଲେ। ବାର୍ଷିକ ଶତକଡ଼ା ୧୦ ହାରରେ ଋଣ ମଞ୍ଜୁର ହେଲା। ତହିଁରୁ ସେ ଫ୍ରିଜରଟିଏ କ୍ରୟ କଲା ଓ ପରିବା ଅଧିକ ଦୁଇଦିନ ପାଇଁ ତଟକା ରଖିପାରିଲା। ଏହାଦ୍ୱାରା ତାଙ୍କର ଲାଭାଂଶ ବୃଦ୍ଧି ପାଇଲା।

### ଶବ୍ଦାବଳୀ: ମିଆଦୀ ଋଣ

ଗୋଟିଏ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଋଣ ନେଇ ଦୀର୍ଘ ଅବଧିରେ ତାହାକୁ ପୈଠ କଲେ (ଏକ ବର୍ଷରୁ ଅଧିକ ସମୟରେ) ସେହି ଋଣକୁ ମିଆଦି ଋଣ କୁହାଯାଏ।

## ବ୍ୟାପାର ସାରାଂଶ

ପରିବା ବିକାଳି ମୋଟ୍‌ରେ ୮ ଲକ୍ଷ ଟଙ୍କାର ପରିବା କ୍ରୟ କରି ୧୦ ଲକ୍ଷ ଟଙ୍କାରେ ବିକିଲା ଓ ୨ ଲକ୍ଷ ଟଙ୍କା ଲାଭ ପାଇଲା। ସେ ଭଡ଼ା ଓ ମଜୁରୀ ବାବଦରେ ଯଥାକ୍ରମେ ୩୬ ହଜାର ଟଙ୍କା ଓ ୧୮ ହଜାର ଟଙ୍କା ଖର୍ଚ୍ଚ କଲା। (ଧରାଯାଉ ବର୍ଷକୁ ୩୬୦ ଦିନ)ରେ ଏହାପରେ ସେ ସହଜରେ ବୁଝିଗଲେ, ପ୍ରତ୍ୟେକ ଦିନର ବକେୟା ରାଶି ହ୍ରାସକାରୀ ୨ ହଜାର ଟଙ୍କା ଥିବା ଦେଖି ସେ ମୋଟ୍‌ରେ ୨୦୦ ଟଙ୍କା ନଗଦ ଋଣ ପାଇଁ ସୁଧ ବାବଦକୁ ପୈଠ କଲା। ସେ ୬ ହଜାର ଟଙ୍କା ମିଆଦୀ ଋଣ ପାଇଁ ପ୍ରଦାନ କଲା। ତୁଳନପତ୍ରରେ ମିଆଦୀ ଋଣ, ବକେୟା ରାଶି ୧୪ ହଜାର ଟଙ୍କା ଦର୍ଶାଗଲା। ୨୦୦୦ ଟଙ୍କା ବାର୍ଷିକ ସୁଧ ମିଆଦୀ ଋଣ ଉପରେ କଷା ଗଲା। ସେ ମୋଟ୍‌ରେ ସୁଧ ବାବଦରେ ୨୨୦୦ ଟଙ୍କା ପୈଠ କଲା। ସେ ଫ୍ରିଜର୍ ପାଇଁ ୨୦୦୦ ଟଙ୍କା ଓ ଫର୍ଣ୍ଣିଚର୍ ପାଇଁ ୨୦ ଟଙ୍କା ହ୍ରାସ ମୂଲ୍ୟକୁ ଖର୍ଚ୍ଚ ରୂପେ ଦର୍ଶାଇଲା। ମୋଟ୍ (୨୨୦୦) ହ୍ରାସ ମୂଲ୍ୟ ୨୦୨୦ ଟଙ୍କା ହେଲା। (ମୂଲ୍ୟ ହ୍ରାସ ୧୦ ବର୍ଷ ପାଇଁ ଶତକଡ଼ା ୧୦ ହାରରେ ହିସାବ କରାଗଲା।) କାରଣ ଫର୍ଣ୍ଣିଚର୍‌ର ଆୟୁକାଳ ୧୦ ବର୍ଷ ଧରାଯାଇଛି। ଅଚଳ ସମ୍ପତ୍ତି ପରିମାଣ ମୋଟ୍ ୧୮୧୮୦ ଟଙ୍କା (୨୦,୨୦୦-୨୦୨୦) ହେଲା।

| ଲାଭ ଓ ହାନି ବିବରଣ | | ତୁଳନପତ୍ର | |
|---|---|---|---|
| ବିକ୍ରି | ଟ. ୧୦୦୦୦୦୦ | ସମ୍ପତ୍ତି | |
| ସିଓଜିଏସ୍ | ଟ. ୮୦୦୦୦୦ | ନଗଦ | : ଟ. ୧,୩୯,୧୦୦ |
| ମୋଟ୍ ଲାଭ | ଟ. ୨୦୦୦୦୦ | ପ୍ରାପ୍ୟ | : ଟ. ୨୫୦୦ |
| | | ଅଚଳ ସମ୍ପତ୍ତି | : ଟ. ୧୮୧୮୦ |
| ପରିଚାଳନା ଖର୍ଚ୍ଚ | | **ମୋଟ୍ ସମ୍ପତ୍ତି** | **: ଟ. ୧,୫୯,୬୮୦** |
| ଭଡ଼ା | ଟ. ୩୬୦୦୦ | ଦେୟ | |
| ମଜୁରୀ | ଟ. ୧୮୦୦୦ | ନଗଦୀ ଋଣ | : ଟ. ୨୦୦୦ |
| ପରିଚାଳନା ଲାଭ | ଟ. ୧୪୬,୦୦୦ | ମିଆଦୀ ଋଣ | : ଟ. ୧୪୦୦୦ |
| ସୁଧ | ଟ. ୨୨୦୦ | ପୁଞ୍ଜି | : ଟ. ୨୦୦୦ |
| ମୂଲ୍ୟ ହ୍ରାସ | ଟ. ୨୦୨୦ | ପ୍ରତିଧାରିତ ଲାଭ | : ଟ. ୧,୪୧,୬୮୦ |
| କର ଦେବା ପୂର୍ବରୁ ଲାଭ | ଟ. ୧୪୧,୬୮୦ | ମୋଟ୍ ଦେୟ | : ଟ. ୧,୫୯,୬୮୦ |

## ସନ୍ଦେଶ ୫ : କଠିନ ସମୟରେ ବ୍ୟାଙ୍କ୍ ସହିତ ଯୋଗାଯୋଗ ରଖନ୍ତୁ

ଆପଣ କ'ଣ ଋଣ ପରିଶୋଧ ପାଇଁ ସକ୍ଷମ ନୁହଁ ?

ପୂର୍ବ ଆର୍ଥିକ ବର୍ଷରେ କମ୍ପାନୀର ନେଟ୍‌ୱର୍କ ଏକତ୍ରିତ ହେଉଥିବା କ୍ଷତି ସକାଶେ ୫୦ ଭାଗ ପର୍ଯ୍ୟନ୍ତ ହ୍ରାସ ପାଇଛି କି ?

ଆପଣଙ୍କ ଉଦ୍ୟୋଗ କଠିନ ପରିସ୍ଥିତିରେ ପଡ଼ିଛି କି ଓ ବିଫଳତାର ଆଶଙ୍କା କରୁଛନ୍ତି କି ?



ଉପଯୁକ୍ତ ପରିସ୍ଥିତିରେ ଆପଣ ବ୍ୟାଙ୍କ୍‌ର ଶାଖା କିମ୍ବା ଜିଲ୍ଲା/ଉପଖଣ୍ଡ/ଆଞ୍ଚଳିକ ସ୍ତରରେ ବ୍ୟାଙ୍କ୍ ଦ୍ୱାରା ଗଠିତ କମିଟିକୁ ଆବେଦନ କରିପାରିବେ ।

ବ୍ୟାଙ୍କ/କମିଟି ଆପଣଙ୍କ ଖାତାର କଠିନତାକୁ ସମାଧାନ କରିବାକୁ ବିଭିନ୍ନ ବିକଳ୍ପ ଉପରେ ବିଚାର କରିବେ ।

### ସଂଶୋଧନ

ବ୍ୟାଙ୍କ/କମିଟି ଆପଣଙ୍କ ଠାରୁ ଗୋଟିଏ ଋଣ ଖାତାକୁ ନିୟମିତ କରିବା ପାଇଁ ପ୍ରତିବଦ୍ଧତା, ବିଶେଷ ପଦକ୍ଷେପ ଓ ସମୟ ସୀମା ମାଗିପାରେ । ସେମାନେ ଆବଶ୍ୟକତା ଆଧାରିତ ଅତିରିକ୍ତ ଅର୍ଥ ପ୍ରଦାନ କରିବା ବାବଦରେ ମଧ୍ୟ ବିଚାର କରିପାରନ୍ତି ।

### ପୁନଃ ରଚନା

ଯେତେବେଳେ ସ୍ଥିର ନିଶ୍ଚୟ ହେବ ଯେ ଆପଣ ଜଣେ ଇଚ୍ଛାକୃତ ଋଣ ଖିଲାପୀ ନୁହଁନ୍ତି, ସେମାନେ ଆପଣଙ୍କ ବ୍ୟାଙ୍କ୍ ଖାତାକୁ ପୁନର୍ଗଠନ କରିବା ସମ୍ଭାବନାକୁ ବିଚାର କରିବେ ।

### ଅସୁଲି

ଯଦି ବ୍ୟାଙ୍କ/କମିଟି ହୃଦୟଙ୍ଗମ କରିବେ ଯେ ଉପରୋକ୍ତ ଦୁଇଟି ବିକଳ୍ପ ଯୋଗ୍ୟ ନୁହେଁ, ତେବେ ସେମାନେ ତୁମର ଉଦ୍ୟୋଗ ଠାରୁ ଋଣ ଅସୁଲି କରିବାକୁ ପଦକ୍ଷେପ ନେଇପାରିବେ ।

# ବିତ୍ତୀୟ ଶବ୍ଦାବଳୀର ସାରାଂଶ

| | | |
|---|---|---|
| ଲାଭ ଓ କ୍ଷତି ବିବରଣ | : | କମ୍ପାନୀର ଆୟ ଓ ବ୍ୟୟ ପ୍ରଦର୍ଶନ କରୁଥିବା ବିବରଣ। ଏହା ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ପ୍ରସ୍ତୁତ ହୁଏ ? (ସାଧାରଣତଃ ଅପ୍ରେଲ୍-୧ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ) |
| ତୁଳନା ପତ୍ର | : | କୌଣସି ଏକ ନିର୍ଦ୍ଦିଷ୍ଟ ତାରିଖରେ କମ୍ପାନୀର ସମ୍ପତ୍ତି ଓ ଦେୟକୁ ପ୍ରଦର୍ଶନ କରୁଥିବା ବିବରଣ। |
| ଆୟ | : | ଉତ୍ପାଦିତ ଦ୍ରବ୍ୟ ଓ ସେବାକୁ ବିକ୍ରୟ କରି ପ୍ରାପ୍ତ ଧନରାଶି। ଏଥିରେ ଉଭୟ ନଗଦ ଓ ଉଧାରୀ ବିକ୍ରି ସଂଶ୍ଳିଷ୍ଟ ରହେ। |
| ବିକ୍ରି ହେଉଥିବା ଦ୍ରବ୍ୟର ମୂଲ୍ୟ | : | ବିକ୍ରୟ ସକାଶେ ଦ୍ରବ୍ୟର କ୍ରୟମୂଲ୍ୟ କିମ୍ୱା ଦ୍ରବ୍ୟର ଉତ୍ପାଦନ ଖର୍ଚ୍ଚ ମୂଲ୍ୟ। |
| ମୋଟ୍ ଲାଭ | : | ମୋଟ୍ ଲାଭ କହିଲେ ରାଜସ୍ୱ ଓ ଦ୍ରବ୍ୟର ବିକ୍ରି ମୂଲ୍ୟର ଅନ୍ତର। ଏଥିରେ ଭଡ଼ା, ଦରମା, ମଜୁରୀ ଇତ୍ୟାଦି ଉତ୍ପାଦନ ଖର୍ଚ୍ଚ ସାମିଲ୍ ହୁଏ ନାହିଁ। |
| ପରିଚାଳନା ଖର୍ଚ୍ଚ | : | ଏପରି ଖର୍ଚ୍ଚ ଯାହା ପ୍ରତ୍ୟକ୍ଷ ଭାବରେ ଦ୍ରବ୍ୟ ଉତ୍ପାଦନ ସହ ଯୋଡ଼ାଯାଏ ନାହିଁ। ଯେପରିକି ଭଡ଼ା, ଦରମା, ତଥା SG&A (ବିକ୍ରୟ, ସାମାନ୍ୟ ତଥା ପ୍ରଶାସନିକ ଖର୍ଚ୍ଚ) |
| ସୁଧ | : | ବକେୟା ଋଣ ରାଶି ଉପରେ ଉଧାରଦାତାକୁ ପ୍ରଦାନ କରାଯାଉଥିବା ରାଶି। |
| ମୂଲ୍ୟ ହ୍ରାସ | : | ଆୟୁକାଳ ଅନୁଯାୟୀ ଅଚଳ ସମ୍ପତ୍ତି ପାଇଁ ଲାଗୁଥିବା ବାର୍ଷିକ ମୂଲ୍ୟ ହ୍ରାସ ହିସାବ ଲାଭ ଓ କ୍ଷତି ଖାତାରେ ବ୍ୟୟ ରୂପେ ଗଣାଯାଏ। |
| କର- ପୂର୍ବରୁ ଲାଭ | : | ମୋଟ୍ ଲାଭ - ପରିଚାଳନା ଖର୍ଚ୍ଚ - ସୁଧ - ମୂଲ୍ୟ ହ୍ରାସ |
| ସମ୍ପତ୍ତି | : | ଚାଲୁ ସମ୍ପତ୍ତି ଯଥା- ନଗଦ, ଇନ୍‌ଭେଣ୍ଟ୍ରି, ଅଚଳ ସମ୍ପତ୍ତି ଯଥା- ପ୍ଲାଣ୍ଟ୍ ବା କାରଖାନା, ତଥା ଅନ୍ୟାନ୍ୟ ମେସିନ୍ ଇତ୍ୟାଦି। |
| ଦେୟ | : | ଶେୟାରଧାରୀର ପୁଞ୍ଜି, ଚଳନ୍ତି ଦେୟ ଯଥା- ଉଧାରୀଦାତା ଓ ସ୍ୱଳ୍ପ-ଅବଧି ଋଣ ତଥା ମିଆଦି ଦେୟ ଯାହାକି ଏକ ବର୍ଷ ପରେ ପୈଠ କରାଯାଏ। |
| ପ୍ରାପ୍ୟ ରାଶି | : | ଯେଉଁ ରାଶି ଭବିଷ୍ୟତରେ କୌଣସି ଏକ ତାରିଖରେ ଚୁକ୍ତି ଅନୁଯାୟୀ ଗ୍ରାହକ ଠାରୁ ମିଳିଥାଏ। |
| ଚାଲୁ ସମ୍ପତ୍ତି | : | ଯାହା ନଗଦଖାତା ପ୍ରାପ୍ତ ରାଶି ତଥା ଅନ୍ୟ ତରଳ ସମ୍ପତ୍ତି ସାମିଲ୍ ଅଟେ, ଯାହା ତୁରନ୍ତ ନଗଦ ରୂପେ ପରିବର୍ତ୍ତନ କରାଯାଇପାରେ। |
| ଅଚଳ ସମ୍ପତ୍ତ | : | ଯେଉଁ ସମ୍ପତ୍ତି ଦୀର୍ଘ ଅବଧି ପାଇଁ ଲଗାଣ କରାଯାଇଥାଏ ତଥା ବ୍ୟବସାୟରେ ସାମାନ୍ୟ ଅବଧି ଭିତରେ ବିକ୍ରୟ କରାଯାଇ ନପାରେ। |
| ନଗଦ ଋଣ | : | ଚାଲୁ ସମ୍ପତ୍ତିର ଅର୍ଥ ପ୍ରଦାନ ବା ବ୍ୟବସାୟର ଦୈନିକ ପରିଚାଳନାର ପ୍ରାବଧାନ କରିବା ପାଇଁ କାର୍ଯ୍ୟଶୀଳ ପୁଞ୍ଜିଋଣ। |
| ମିଆଦୀ ଋଣ | : | ଦୀର୍ଘମିଆଦି ଋଣ ସାଧାରଣତଃ ଅଚଳ ସମ୍ପତ୍ତିଗୁଡ଼ିକୁ ଖରିଦ୍ କରିବାକୁ ମଞ୍ଜୁର କରାଯାଏ ଓ ନିଆଯାଏ ଏବଂ ସେହି ଅବଧି ଭିତରେ କିସ୍ତିରେ ଶୁଝାଯାଏ। |
| ଅଂଶ ପୁଞ୍ଜି | : | ଶେୟାରଧାରୀଙ୍କ ପୁଞ୍ଜି ଯାହା ମାଲିକାନା ହିତ ପାଇଁ ପ୍ରତିନିଧିତ୍ୱ କରେ। |

## MSMES ପାଇଁ ସାମ୍ପ୍ରତିକ ଉଦ୍ୟମର ସୂତ୍ରପାତ

| | | |
|---|---|---|
| ବ୍ୟବସାୟିକ ପ୍ରାପ୍ୟ ରିହାତି | : | ଆପଣ କ'ଣ ଆପଣଙ୍କ ଖରିଦ୍‌ଦାର ଠାରୁ ବିଳମ୍ୱରେ ପୈଠ ରାଶି ପାଉଛନ୍ତି କି ? ଯଦି ହଁ ଆପଣ ପ୍ରାପ୍ୟ ରାଶିରୁ TReDS ମାଧ୍ୟମରେ ରିହାତି କରିପାରିବେ। ଭାରତୀୟ ରିଜର୍ଭ ବ୍ୟାଙ୍କ ଲାଇସେନ୍ସଧାରୀ ତିନି ସଂସ୍ଥା - RXIL, Mynd Solution, TReDS ଏହି ପ୍ଲାଟ୍‌ଫର୍ମର ପରିଚାଳନା କରୁଛନ୍ତି। |
| ପ୍ରମାଣିତ ଋଣ ପରାମର୍ଶଦାତା | : | ଆପଣ ବ୍ୟବସାୟ ପ୍ରସ୍ତାବ ପ୍ରସ୍ତୁତି କରିବାରେ ବିତ୍ତୀୟ କାଗଜପତ୍ର ପ୍ରସ୍ତୁତ କରିବାରେ ଅଜ୍ଞାତ ଯୋଗୁଁ ବ୍ୟାଙ୍କରେ MSME ଋଣ ଆବେଦନ କରିବାରେ ଦ୍ୱିଧା ପ୍ରକାଶ କରୁଛନ୍ତି କି ? ଆପଣ ପ୍ରମାଣିତ ଋଣ ପରାମର୍ଶଦାତା (CCC)ଙ୍କ ସହ ସମ୍ପର୍କ ରଖିପାରନ୍ତି, ଯିଏ କି SDIBI ଦ୍ୱାରା ପଞ୍ଜୀକୃତ ଅଟନ୍ତି। ଏ ପ୍ରକାର ଉପଦେଷ୍ଟାମାନଙ୍କ ତାଲିକା http://udyamimitra.in/Home/ccc ୱେବ୍‌ସାଇଟ୍‌ରେ ଉପଲବ୍ଧ। ଏମାନେ ଆପଣଙ୍କ ବ୍ୟବସାୟରେ ନିର୍ଣ୍ଣୟ ନେବାପାଇଁ ସହାୟତା କରିପାରିବେ। |

ଏହି ପରିଭାଷା ସବୁ କେବଳ ସଙ୍କେତାତ୍ମକ ଅଟେ। ଏହା ଭିନ୍ନଭିନ୍ନ ଉଦ୍ୟୋଗରେ ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରେ ତଥା ଏହାର ବ୍ୟାଖ୍ୟା ଉପରେ ଅର୍ଥ ପ୍ରକାଶ କରିଥାଏ।

# ଲକ୍ଷ୍ୟବିଶିଷ୍ଟ ଆର୍ଥିକ ସକ୍ଷରତା ସାମଗ୍ରୀ

ଭାରତୀୟ ରିଜର୍ଭ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ଶ୍ରୀ ଦୀପକ ମହାନ୍ତିଙ୍କ ଅଧକ୍ଷତାରେ ଗଠିତ କମିଟିର ଏକ ସୁପାରିସରେ ବିତ୍ତ ସମାବେଶନ ଉପରେ ମଧ୍ୟାବଧି ପଥ ସମ୍ବନ୍ଧୀୟ ସମିତିର ଏକ ସୁପାରିସ ଗୁଡ଼ିକରେ ଏହା ଉପଲବ୍ଧ ଯେ, ଆର୍ଥିକ ଶିକ୍ଷା ସକାଶେ 'ସଭିଙ୍କ ପାଇଁ ଏକ ପ୍ରକାର ଶିକ୍ଷା' ବିଶିଷ୍ଟ ଦୃଷ୍ଟି କୋଣ ହୁଏତ ଉଚିତ୍ ହେବ ନାହିଁ । କାରଣ ବିଭିନ୍ନ ଲକ୍ଷ୍ୟ ସମୂହର ବିଭିନ୍ନ ପ୍ରକାରର ଆର୍ଥିକ ଶିକ୍ଷାର ଆବଶ୍ୟକତା ରହେ । ପରିଣାମ ସ୍ୱରୂପ, ସାକ୍ଷରତା ସାମଗ୍ରୀକୁ ବିଭିନ୍ନ ଲକ୍ଷ୍ୟ ସମୂହ ପାଇଁ ଅନୁକୂଳ କରିବା ଆବଶ୍ୟକତା ରହିଛି ।

ଭାରତୀୟ ରିଜର୍ଭ ବ୍ୟାଙ୍କର ଆର୍ଥିକ ଅର୍ନ୍ତଭୁକ୍ତି କରଣ ଓ ବିକାଶ ବିଭାଗ ୫ଟି ଅଲଗା ଅଲଗା ଗୋଷ୍ଠୀ ଯଥା- ଚାଷୀ, ଲଘୁ-ଉଦ୍ୟୋଗୀ, ସ୍କୁଲ୍ ଛାତ୍ରଛାତ୍ରୀ, ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଓ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଅନୁକୂଳ ଆର୍ଥିକ ସାକ୍ଷରତା ସାମଗ୍ରୀ ଶୃଙ୍ଖଳାରେ ୫ଟି ପୁସ୍ତିକା ପ୍ରସ୍ତୁତ କରିଛି । ଏହି ଆନୁକୂଳିତ ପୁସ୍ତକ ସେଥିମଧ୍ୟରୁ ଗୋଟିଏ ।

**ସତ୍ତ୍ୱ ପ୍ରତ୍ୟାଖ୍ୟାନ**

ଏହି ପୁସ୍ତକଟି ସାଧାରଣ ନାଗରିକଙ୍କୁ ସୂଚନା ପ୍ରଦାନ ଓ ମାର୍ଗ ଦର୍ଶନ ନିମିତ୍ତ ଭାରତୀୟ ରିଜର୍ଭ ବ୍ୟାଙ୍କର ଆର୍ଥିକ ଶିକ୍ଷା ପ୍ରାବଧାନ ଉଦ୍ଦିଷ୍ଟ । ଏହାର ଉଦ୍ଦେଶ୍ୟ କୌଣସି ବି ଆର୍ଥିକ ଉତ୍ପାଦ / ଉତ୍ପାଦ ଗୁଡ଼ିକ ବା ସେବା ସମ୍ବନ୍ଧୀୟ ନିର୍ଣ୍ଣୟ ନେବା ପାଇଁ ପାଠକଙ୍କୁ କହିବା ନୁହେଁ ।

**କପିରାଇଟ୍**

ପ୍ରଥମ ପ୍ରକାଶ - ଅପ୍ରେଲ୍ ୨୦୧୮

ଏହି ସାମଗ୍ରୀକୁ ପୁନଃ ପ୍ରସ୍ତୁତ କରିବା ପାଇଁ ଅନୁମତି ରହିଛି । କିନ୍ତୁ ସାମଗ୍ରୀ ସ୍ରୋତର ଅଭିସ୍ୱୀକୃତି ଆବଶ୍ୟକ ।

**ରଚନା ଓ ପ୍ରକାଶନ**

ଆର୍ଥିକ ଅର୍ନ୍ତଭୁକ୍ତି କରଣ ଓ ବିକାଶ ବିଭାଗ

ଭାରତୀୟ ରିଜର୍ଭ ବ୍ୟାଙ୍କ୍

୧୦ମ ମହଲା, କେନ୍ଦ୍ରୀୟ କାର୍ଯ୍ୟାଳୟ ଭବନ

ସହିଦ୍ ଭଗତ୍ ସିଂହ ମାର୍ଗ,

ଫୋର୍ଟ

ମୁମ୍ବାଇ - ୪୦୦୦୦୧, ଭାରତ

**ସ୍ୱୀକାର**

ଡିଜାଇନ୍- କୌଶିକ୍ ରାମଚନ୍ଦ୍ରନ୍

## ଆର୍ଥିକ ଅର୍ନ୍ତଭୁକ୍ତି କରଣ ଓ ବିକାଶ ବିଭାଗ

ଭାରତୀୟ ରିଜର୍ଭ ବ୍ୟାଙ୍କ୍
୧୦ମ ମହଲା, କେନ୍ଦ୍ରୀୟ କାର୍ଯ୍ୟାଳୟ ଭବନ
ଫୋର୍ଟ, ମୁମ୍ବାଇ - ୪୦୦୦୦୧, ଭାରତ